स्नातकोत्तरपरिषदः अध्यक्षकार्यालयः
श्रीजगन्नाथसंस्कृतविश्वविद्यालयः, श्रीविहारः, पुरी-७५२००३ (ओडिशा)
OFFICE OF THE CHAIRMAN, P.G. COUNCIL
Shri Jagannath Sanskrit Vishvavidyalaya, Shrivihar, Puri - 752003 (Odisha)
Accredited with B+ Grade by NAAC

Ref. No.........................                Date : .........................

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ପୁରୀରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ

24.08.2018, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବେଦ ବିଭାଗ ଦ୍ୱାରା ଆଗାମୀ ସେପ୍ଟେମ୍ବର ମାସର 15 ତାରିଖରୁ 22 ତାରିଖ ପର୍ଯ୍ୟନ୍ତ ବେଦ ଜ୍ଞାନ ସପ୍ତାହ ପାଳିତ ହେବ ଏବଂ ସଭିଙ୍କ ପାଇଁ ବେଦ କକ୍ଷା (Vedic Classes for All) ସେପ୍ଟେମ୍ବର ମାସର ଶେଷ ସପ୍ତାହରୁ ଆରମ୍ଭ ହେବ । ଭାରତ ସରକାରଙ୍କର ମାନବ ସଂସାଧନ ବିକାଶ ମନ୍ତ୍ରଣାଳୟ ଅଧୀନରେ ଥିବା ମହର୍ଷି ସାନ୍ଦିପନୀ ରାଷ୍ଟ୍ରିୟ ବେଦ ବିଦ୍ୟା ପ୍ରତିଷ୍ଠାନ, ଉଜ୍ଜୟିନୀ ଦ୍ୱାରା ପ୍ରଦତ୍ତ ଆର୍ଥିକ ସହଯୋଗ ଓ ନିର୍ଧାରିତ କାର୍ଯ୍ୟ ଯୋଜନା ଅନୁସାରେ ଏହି ଦୁଇ ଗୋଟି କାର୍ଯ୍ୟକ୍ରମର ଆୟୋଜନ ସ୍ନାତକୋତ୍ତର ବେଦ ବିଭାଗ ଦ୍ୱାରା କରାଯାଉଅଛି । ବେଦ ଜ୍ଞାନ ସପ୍ତାହ କାର୍ଯ୍ୟକ୍ରମର ଉଦ୍ ଘାଟନ ଓ ଉଦ୍ ଯାପନ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଏବଂ ନିର୍ଧାରିତ ବ୍ୟାଖ୍ୟାନଗୁଡିକ ପୁରୀ ସହରର ବିଭିନ୍ନ ବୈଦିକ ଶିକ୍ଷାନୁଷ୍ଠାନ, ସଂସ୍କୃତ ମହାବିଦ୍ୟାଳୟ ଓ ମଠମାନଙ୍କରେ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଅଛି ।

ସଭିଙ୍କ ପାଇଁ ବେଦ କକ୍ଷା (Vedic Classes for All) ସେପ୍ଟେମ୍ବର ମାସର ଶେଷ ଗୁରୁବାରଠାରୁ (27.09.2018) ଆରମ୍ଭ ହେବାର କାର୍ଯ୍ୟଯୋଜନା ରହିଅଛି ଯେଉଁ କାର୍ଯ୍ୟଯୋଜନାରେ 100 ଗୋଟି କ୍ଲାସ୍ ବେଦ ତଥା ଭାରତୀୟ ସଂସ୍କୃତି ବିଷୟକ ପ୍ରାଥମିକ ଜ୍ଞାନ ନିମନ୍ତେ ଉଦ୍ଦିଷ୍ଟ । କାର୍ଯ୍ୟଯୋଜନା ଅନୁସାରେ ଏହି କାର୍ଯ୍ୟକ୍ରମରେ ସମାଜର ସମସ୍ତ ବର୍ଗର ତଥା ସବୁ ଶ୍ରେଣୀର ବ୍ୟକ୍ତି ଭାଗ ଗ୍ରହଣ କରିବାର ସୁଯୋଗ ରହିଅଛି । ଏହି କାର୍ଯ୍ୟକ୍ରମରେ ଭାଗ ଗ୍ରହଣ ପାଇଁ ଆଗ୍ରହୀ ବ୍ୟକ୍ତି ସ୍ନାତକୋତ୍ତର ପରିଷଦ ଅଧକ୍ଷ ତଥା ବେଦ ବିଭାଗାଧକ୍ଷ ପ୍ରଫେସର ହରିହର ହୋତା (ମୋବାଇଲ୍ ଫୋନ୍ ସଂଖ୍ୟା 9438080454) ଅଥବା କାର୍ଯ୍ୟକ୍ରମର ସଂଯୋଜିକା ଡଃ ପରାମ୍ବା ଶ୍ରୀଯୋଗମାୟା (ମୋବାଇଲ୍ ଫୋନ୍ ସଂଖ୍ୟା 9438133376)ଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଉଅଛି ।

25.8.18
CHAIRMAN
P. G. Council
Shri Jagannath Sanskrit Vishva Vidyalaya
SHRI VIHAR, PURI



Scanned by CamScanner